# "ମୋର ସ୍ତ୍ରୀ ଜଣେ ପୁଅଙ୍କ ସହିତ ଅନୈତିକ ସମ୍ପର୍କ ରଖୁଛି" !

ମୋର ନାମ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ (ଛଦ୍ମନାମ) । ଘର ନିଶ୍ଚିତକୋଇଲି ଥାନା ଅନ୍ତର୍ଗତ କଟକ ଜିଲ୍ଲାରେ । ପରିବାର କହିଲେ ପାଞ୍ଚ ଭାଇ ଚାରି ଭଉଣୀ । ବାପା ଆମ ଅଞ୍ଚଳରେ ଜଣେ ଭଲ ଚାଷୀ ଭାବରେ ବେଶ୍ ଜଣାଶୁଣା । ମୋର ବିବାହ ତା-୧୭-୦୬-୨୦୦୯ରିଖ ଦିନ ହିନ୍ଦୁ ବୈଦିକ ରିତି ଅନୁସାରେ ହୋଇଥିଲା । ବିବାହର ଅଳ୍ପ କିଛି ଦିନପରେ ମୋର ସ୍ତ୍ରୀ ଅଲଗା ରହିବା ପାଇଁ ମୋତେ ଚାପ ସୃଷ୍ଟି କଲା । ମୁଁ ବଡ଼ କଷ୍ଟରେ ବି.ଏ. ପର୍ଯ୍ୟନ୍ତ ପାଠ ପଢ଼ିଅଛି । ମାତ୍ର ମୋର ଶ୍ୱଶୁର ଘରର ଲୋକମାନେ ମୋର ସ୍ତ୍ରୀ +୨ ପଢ଼ିଛି ବୋଲି କହି ବିବାହ କରାଇଥିଲାବେଳେ । ପ୍ରକୃତରେ ସ୍ତ୍ରୀ ମୋର ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛି । ଘରେ ଛୋଟ ଛୋଟ କଥାରେ ପାଟିତୁଣ୍ଡ କରିବାରୁ ବାପା ମୋତେ କହିଲେ ତୁ ସ୍ତ୍ରୀକୁ ନେଇ ଅନ୍ୟ କେଉଁଠାରେ ରଖ । ମୁଁ ବାପାଙ୍କ କଥାରେ ରାଜି ନଥିଲେ ମଧ ପରିବାରର ଶାନ୍ତି ପାଇଁ ଭୁବନେଶ୍ୱରରେ ତାଙ୍କୁ ଆଣି ରଖିଲି । ପଲାଶୁଣିରେ ଏକ ଘର ଭଡ଼ାନେଇ ରହିଲୁ । ପରିବାର ପ୍ରତିପୋଷଣ କରିବା ପାଇଁ ଭୁବନେଶ୍ୱରରେ ମୁଁ ଏକ ଅଟୋ ଚଲାଇଲି । ହଠାତ୍ ଦିନେ ଖବର ପାଇଲି ଯେ, "ମୋର ସ୍ତ୍ରୀ ଜଣେ ପୁଅଙ୍କ ସହିତ ଅନୈତିକ ସମ୍ପର୍କ ରଖୁଛି" । ତାଙ୍କୁ କିଛି ନଜଣାଇ ମୁଁ ଘଟଣା ବିଷୟରେ ଅନୁଧାନ କରିବା ପାଇଁ ଲୁଚିକରି ରହିଲି ଏବଂ ନିଜ ଆଖି ସାମ୍ନାରେ ଘଟଣାଟିକୁ ଧରିଲି ମଧ । ଉଭୟେଙ୍କ ମଧରେ ପ୍ରବଳ ପାଟିତୁଣ୍ଡ ହେଲା । ଭୁବନେଶ୍ୱର ଛାଡ଼ି ଗାଁକୁ ପଳାଇଗଲୁ । ଉଭୟଙ୍କ ଗାଁରୁ ଭଦ୍ରଲୋକ ଡକାଇ ତା-୧୦-୦୧-୨୦୧୫ରିଖ ଦିନ ଗାଁ ପାଖର ଏକ ମନ୍ଦିରରେ ଘଟଣାର ସମାଧାନ କରିବା ପାଇଁ ପ୍ରୟାସ କରାଗଲା । ମାତ୍ର କିଛିଦିନ ସବୁ ଠିକ୍ ଠାକ୍ ଚାଲୁଥିବା ପରେ ସ୍ତ୍ରୀ ମୋର ବାପା ବୋଉଙ୍କୁ ଅଭଦ୍ରଭାଷାରେ ଗାଳି ଗୁଲଜ୍ କରିବା ସହିତ ଉତ୍ତର ଜବାବ୍ ଦେଲେ । ଏପରିକି ମୋର ବଡ଼ ଭାଇଙ୍କୁ ହାତ ମଧ ଉଠାଇଲେ । ବାଧ ହୋଇ ଆମ ପରିବାର ଲୋକମାନେ ମିଶି ତାଙ୍କ ବାପାଙ୍କୁ ଡକାଇ ତାଙ୍କ ଘରକୁ ପଠାଇ ଦେଲୁ । ଫଳରେ ତାଙ୍କର ପ୍ରକୃତରେ ପରିବର୍ତ୍ତନ ହେବା ପରିବର୍ତ୍ତେ ଜଣେ ଆଇନଜୀବୀଙ୍କ ପରାମର୍ଶ କ୍ରମେ କେନ୍ଦ୍ରାପଡ଼ା ନ୍ୟାୟାଳୟରେ ଭାରତୀୟ ଦଣ୍ଡବିଧି ଆଇନ୍ ଅଣ୍ଡର ସେକ୍ସନ୍ (ୟୁ.ଏସ୍.) ୧୨, ୨୦, ଓ ୨୨ ଡି.ଭି. ଆକ୍ଟରେ ଆମ ପରିବାରର ୧୧ଜଣ ସଦଶ୍ୟଙ୍କ ନାମରେ ମାମଲା କରିଛନ୍ତି । ଯାହାର ନମ୍ବର ହେଉଛି- ୩୯/୨୦୧୬ । ଯାହା ସମ୍ପୂର୍ଣ୍ଣ ମିଥ୍ୟା ହୋଇଥିଲେ ମଧ ଆମ ପରିବାରର ଲୋକ ଆଇନଜୀବୀଙ୍କ ପଛରେ ଦୌଡ଼ି ନୟାନ୍ତ ହେଲୁଣି । ଏବେ ସ୍ତ୍ରୀ ମୋତେ କହୁଛନ୍ତି, ଯଦି ଭଲରେ ଭଲରେ ୫ ଲକ୍ଷ ଟଙ୍କା ଦେବା କଥା ଦିଅ । ନତୁବା ତୁମ ପରିବାରର ସମସ୍ତଙ୍କ ନାମରେ ଯୌତୁକ ନିର୍ଯାତନା ମାମଲା ଓ ମୋ ଭାଇ ନାମରେ ଧର୍ଷଣ କେସ୍ କରିବେ ବୋଲି । ଏକଥା ଶୁଣିବା ପରେ ଆମ ପରିବାରର ଲୋକମାନେ ସମ୍ପୂର୍ଣ୍ଣ ଡରିଯାଇଛନ୍ତି । ଆମର ଓକିଲଙ୍କୁ ଏବିଷୟରେ ପଚାରିବାରୁ ସେ କହୁଛନ୍ତି, ଆମେ ମହିଳାଙ୍କର କିଛି କରିପାରିବୁ ନାହିଁ । ସେମାନେ ଯାହା କରିବେ ଆମେ ତାହାର ପ୍ରତିରକ୍ଷା କରିବା........ ???

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।